# ପିଲାଙ୍କ ଧରିତ୍ରୀ

ଶନିବାର, ୨୪ ଡିସେମ୍ବର, ୨୦୨୨




# ଖିଲି ଖିଲି ହସ

ଥରେ ସଞ୍ଜୁ ଅଟୋରେ ଯାଉଥିଲା। ଅଟୋରୁ ଓହ୍ଲାଇ ଅଟୋବାଲାଙ୍କୁ ପଚାରିଲା– ଭାଇ, ତୁମର କେତେ ଟଙ୍କା ହେଲା ?
ଅଟୋବାଲା: ୩୦ଟଙ୍କା।
ଏହା ପରେ ସଞ୍ଜୁ ଅଟୋବାଲାକୁ ୧୫ ଟଙ୍କା ଦେଲା।
**ଅଟୋବାଲା:** ଭାଇ, ଇଏତ ଅଧା, ଆଉ ଦେଉନ।
**ସଞ୍ଜୁ:** ଆଉ ଅଧା ତୁମେ ଦେଉନ।

ଜଣେ ବ୍ୟକ୍ତିକୁ ଯମ ନେବାକୁ ଆସିଲେ। ଯମ କହିଲେ– ଚାଲ୍, ତୋ ସମୟ ହୋଇଗଲା।
**ବ୍ୟକ୍ତି:** ମୋତେ ଦୁଇ ମିନିଟ୍ ସମୟ ଦିଅ।
**ଯମ:** ତୁମେ ଦୁଇ ମିନିଟ୍‌ରେ କ'ଣ ଏମିତି କରିଦେବ ?
**ବ୍ୟକ୍ତି:** ମୁଁ ଫେସ୍‌ବୁକ୍‌ରେ ଷ୍ଟାଟସ୍ ଦେବି 'ଆଇ ଆମ୍ ଟ୍ରାଭେଲିଂ ଟୁ ଯମଲୋକ'।

ମା' ଓ ପୁଅ ମଧ୍ୟରେ କଥାବାର୍ତ୍ତା
**ପୁଅ:** ମା' ମୋର ନୂଆ ସ୍ୱେଟରଟା ନୂଆ ଡିଟରଜେଣ୍ଟରେ ସଫା କରିଦେବ।
**ମା':** ଆରେ ପୁଅ, ତୋ ସ୍ୱେଟରଟା ସଫା କରୁ କରୁ ଛୋଟ ହୋଇଯାଇଛି।
**ପୁଅ:** ଏବେ କ'ଣ କରିବା, ମୋତେ ତ ହେବନି!
**ମା':** ତୁ ଗୋଟେ କାମ କର, ସେଇ ଡିଟରଜେଣ୍ଟରେ ତୁ ଗାଧୋଇପଡ଼, ଦେଖିବୁ ତୁ ତୋ ସ୍ୱେଟର ସାଇଜ୍‌ର ହୋଇଯିବୁ।

# ଯିଶୁଙ୍କ ଜନ୍ମଦିନ

ବେଥଲେହେମ୍‌ର ଅଶ୍ୱଶାଳାରେ ଡିସେମ୍ବର ୨୫ ତାରିଖରେ ମରୀୟମଙ୍କ କୋଳରେ ଜନ୍ମ ନେଇଥିଲେ ଯିଶୁ। ଈଶ୍ୱରଙ୍କ ଦୂତ ସାଜି ସେ ଜଗତର ମଙ୍ଗଳ ପାଇଁ କାମ କରୁଥିଲେ। ପ୍ରେମର ବାଣୀ ସର୍ବଶ୍ରେଷ୍ଠ ବାଣୀ ବୋଲି ଜଗତରେ ପ୍ରଚାର କରିଥିଲେ। ବ୍ୟାଧିଗ୍ରସ୍ତଙ୍କୁ ଆରୋଗ୍ୟ କରିବା ସହ ମୃତକଙ୍କୁ ଜୀବନ ଦାନ କରିବା ପାଇଁ ସେ ବିକଳ ପ୍ରାର୍ଥନା କରୁଥିଲେ। ତାଙ୍କ ପ୍ରାର୍ଥନାରେ ଅଦ୍ଭୁତ ଚମତ୍କାର ବି ହେଉଥିଲା। ସେଥିପାଇଁ ଲୋକେ ତାଙ୍କୁ ଭଗବାନ ବୋଲି ଭାବୁଥିଲେ। ଧିରେ ଧିରେ ତାଙ୍କର ଲୋକପ୍ରିୟତା ବଢ଼ିବାରୁ ଧର୍ମଗୁରୁମାନେ ତାଙ୍କର ବିରୋଧୀ ହେଲେ। ଶେଷରେ ତାଙ୍କୁ କ୍ରୁଶବିଦ୍ଧ କରି ହତ୍ୟା କରିଥିଲେ। କିନ୍ତୁ ମାନବିକତା ପାଇଁ ଯିଶୁ ଏ ଧରାବକ୍ଷରେ ଅମର ହୋଇ ରହିଗଲେ।

ଯିଶୁଙ୍କ ଜନ୍ମଦିନକୁ ବଡ଼ଦିନ ଭାବେ ପାଳନ କରାଯାଏ। ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ବଡ଼ ପର୍ବ ହେଉଛି ବଡଦିନ ବା ଖ୍ରୀଷ୍ଟମାସ। ଏହି ଦିନ ସମଗ୍ର ଭାରତରେ ଏବଂ ଓଡ଼ିଶାର ବିଭିନ୍ନ ଚର୍ଚ୍ଚଗୁଡିକରେ ସ୍ୱତନ୍ତ୍ର ପ୍ରାର୍ଥନା କରାଯାଏ। ଏଥିପାଇଁ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ଚର୍ଚ୍ଚଗୁଡିକ ଖୁବ୍ ସୁନ୍ଦରଭାବେ ସଜା ହୁଏ। କାନ୍ଥରେ ନାଲି ଏବଂ ସବୁଜ ଷ୍ଟ୍ରିମର ସହିତ ଘଣ୍ଟି ଏବଂ ରଙ୍ଗ ବେରଙ୍ଗ ଆଲୋକ ସଜ୍ଜା ହୁଏ। ବହୁ ସଂଖ୍ୟାରେ ଖ୍ରୀଷ୍ଟଧର୍ମାବଲମ୍ବୀ ଏକାଠି ହୋଇ ପ୍ରାର୍ଥନା କରନ୍ତି।

ଏହି ପର୍ବକୁ ଦେଶ ଓ ବିଦେଶରେ ବହୁ ଉତ୍ସାହର ସହିତ ପାଳନ କରାଯାଏ। ଖ୍ରୀଷ୍ଟମାସ ଅବସରରେ ଅଧିକାଂଶ ଚର୍ଚ୍ଚରେ ଚର୍ଚ୍ଚବେଲ୍ ବଜାଇବା ପରେ କାରୋଲ ଗାନ କରାଯାଏ। ଏହାପରେ ମଧ୍ୟରାତ୍ରରେ ସ୍ୱତନ୍ତ୍ର ପର୍ବ ଆୟୋଜନ ହୋଇଥାଏ। ଆତଙ୍କବାଦ, ଘୃଣା ଏବଂ ଅସହିଷ୍ଣୁତାର ଯୁଗରେ ସର୍ବଭାରତୀୟ ଶାନ୍ତି ଏବଂ ଭାଇଚାରା ପାଇଁ ପ୍ରାର୍ଥନା କରାଯାଏ। ଏହି ଅବସରରେ ଲୋକମାନେ ନିଜ ସମ୍ପର୍କୀୟ ଓ ସାଙ୍ଗମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପହାର ଦିଅନ୍ତି।



ବଡ଼ଦିନ ଆସିଲେ ସମସ୍ତଙ୍କର ସାନ୍ତାକ୍ଲଜ୍ କଥା ମନେପଡ଼େ। ବିଶେଷକରି ପିଲାଙ୍କ ମଧ୍ୟରେ ସାନ୍ତାକ୍ଲଜ୍‌କୁ ନେଇ ବେଶ୍ ଉତ୍କଣ୍ଠା ରହିଥାଏ। କାରଣ ସାନ୍ତାକ୍ଲଜ୍ ପିଲାମାନଙ୍କ ପାଇଁ ଉପହାର ଆଣିଥାନ୍ତି। ସେ ଲମ୍ବା ଦାଢ଼ି ରଖି ଧଳା ଏବଂ ଲାଲ ରଙ୍ଗ ଡ୍ରେସ୍ ପରିଧାନ କରି ବୁଢ଼ା ବେଶରେ ଆସନ୍ତି। ଏହି ସାନ୍ତାକ୍ଲଜ୍ ପ୍ରକୃତରେ କିଏ ? ତାହା ହୁଏତ ଅନେକଙ୍କୁ ଜଣା ନ ଥିବ। ସେଣ୍ଟ ନିକୋଲାସଙ୍କୁ ସାନ୍ତାକ୍ଲଜ୍ କହନ୍ତି। ସେ ଯିଶୁଙ୍କୁ ଖୁବ୍ ଭକ୍ତି କରୁଥିଲେ ଓ ଗରିବ ଲୋକଙ୍କୁ ସାହାଯ୍ୟ କରୁଥିଲେ। ଛୋଟ ପିଲାଙ୍କୁ ଉପହାର ଦେବା ପାଇଁ ତାଙ୍କୁ ବହୁତ ଭଲ ଲାଗେ। ଦୟାଳୁ ପ୍ରକୃତିର ସେଣ୍ଟ ନିକୋଲାସ କିନ୍ତୁ ତାଙ୍କର ଦାନ ବିଷୟରେ କାହାକୁ କିଛି ଜଣାଉ ନ ଥିଲେ। ସେଥିପାଇଁ ପିଲାମାନଙ୍କୁ ରାତିର ଅନ୍ଧକାରରେ ସେ ଉପହାର ଦେବାକୁ ଆସୁଥିଲେ ଓ ପିଲାଙ୍କ ପାଖରେ ଉପହାର ରଖି ଚାଲି ଯାଉଥିଲେ। ଏହାପରେ ସେଣ୍ଟ ନିକୋଲାସଙ୍କୁ ସାନ୍ତାକ୍ଲଜ୍ କରି ଦିଆଗଲା। ଲୋକମାନେ ସେଣ୍ଟଙ୍କ ଭଳି ପୋଷାକ ପିନ୍ଧି ଲୋକଙ୍କୁ ଖ୍ରୀଷ୍ଟମାସରେ ଉପହାର ଦେବାକୁ ଆସିଲେ। ସେବେଠାରୁ ଏହି ପରମ୍ପରା ରହିଆସିଛି।

ଯିଶୁଙ୍କ ମତ ଅନୁସାରେ ଆମ ଭିତରେ ଧର୍ମ ବୈଷମ୍ୟ ରହିବା ଉଚିତ ନୁହେଁ। ବିବିଧ ଧର୍ମୀୟ ଦେଶ ଭାରତରେ ହିନ୍ଦୁ, ମୁସଲମାନ, ଜୈନ, ଶିଖ୍, ଇସାଇ ଆମେ ସଭିଏଁ ଭାଇ ଭାଇ। ଭାରତୀୟମାନେ ପାଳୁଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରୁ 'ଖ୍ରୀଷ୍ଟମାସ' ଅନ୍ୟତମ। ଜାତି, ଧର୍ମ ଭୁଲି ସମସ୍ତେ ଏକାଠି ହୋଇ, ସହିଷ୍ଣୁତା ଓ ସଦ୍ ଭାବନାର ବାର୍ତ୍ତା ବାଣ୍ଟିବାର ପର୍ବ ହେଉଛି ଏହି ବଡ଼ଦିନ।

**– ଲଳିତ ମୋହନ ମିଶ୍ର**
ନୟାଗଡ଼
ମୋ: ୯୬୯୨୭୪୦୩୬୬

# ଗପ

# ରଙ୍ଗ ଦିଅ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ମତାମତ

❖ 'ପିଲାଙ୍କ ଧରିତ୍ରୀ'ର ପ୍ରଚ୍ଛଦ ପୃଷ୍ଠା ଆକର୍ଷଣୀୟ ହୋଇଛି।

– **ମୃଣ୍ମୟୀ ବେହେରା,** ଖୁଣ୍ଟପାଲି, ବଲାଙ୍ଗୀର

❖ 'ମହାକାଶରେ ପାଦ ଥାପିଥିବା ପ୍ରାଣୀ' ବିଷୟରେ ପଢ଼ି ଅନେକ କଥା ଜାଣିବାକୁ ପାଇଲି।

– **ଅନୁରାଗ ଦାସ,** ସାମନ୍ତରାପୁର, ଭୁବନେଶ୍ୱର

❖ 'ଖିଲି ଖିଲି ହସ' ସ୍ତମ୍ଭରେ ଶିକ୍ଷକ ଓ ରାମୁ କଥା ପଢ଼ି ଖୁବ୍ ହସିଲି।

– **ସନାତନ ସାହୁ,** ସୋର, ବାଲେଶ୍ୱର

❖ ଗପ ସ୍ତମ୍ଭରେ ପ୍ରକାଶିତ 'ଦୂବ ଓ ସାରୁ' ଗପଟି ଶିକ୍ଷଣୀୟ ହୋଇଛି।

– **ସଞ୍ଜୀବ ପୃଷ୍ଟି,** ଶିଶୁ ଭବନ, କେନ୍ଦୁଝର

# ମହାକାଶର ବିସ୍ମୟ କୃଷ୍ଣଗର୍ତ୍ତ

ଇଂ. ମାୟାଧର ସ୍ୱାଇଁ

**କୃଷ୍ଣଗର୍ତ୍ତର ଓଜନ ଅତି ବେଶି ହୋଇଥିବାରୁ ଏହାର ମାଧ୍ୟାକର୍ଷଣ ବଳ ହେଉଛି ଅସୀମ। ଏଣୁ ଏହା ଦେହରୁ କୌଣସି ବସ୍ତୁ ବାହାରିପାରେ ନାହିଁ। ଏପରିକି ଆଲୋକ ମଧ୍ୟ ଏଥିରୁ ବାହାରିପାରେ ନାହିଁ।**

ମହାକାଶର ଏକ ବିସ୍ମୟ ହେଉଛି କୃଷ୍ଣଗର୍ତ୍ତ ବା ବ୍ଲାକ୍ ହୋଲ୍। କୃଷ୍ଣଗର୍ତ୍ତ ନାମ ଦିଆଯିବାର କାରଣ ହେଉଛି ଯେ ଏଥିରୁ ଆଲୋକ ନିର୍ଗତ ହୁଏ ନାହିଁ। ଏଣୁ ଏହାକୁ ଦେଖିହୁଏ ନାହିଁ। ବାସ୍ତବରେ ଏହା ଆକାଶରେ କୌଣସି ଗାତ ନୁହେଁ। ଏହା ହେଉଛି ଗୋଟିଏ ଜ୍ୟୋତିର୍ବିଦୀୟ ପିଣ୍ଡ, ଯାହାର ଓଜନ ଅତ୍ୟଧିକ ବେଶି ଓ ଆୟତନ ବହୁତ କମ୍। ଏହାର ଓଜନ ଅଧିକ ଥିବାରୁ ଏହାର ମାଧ୍ୟାକର୍ଷଣ ବଳ ମଧ୍ୟ ଅଧିକ। ଏଣୁ ଏହା ନିକଟକୁ ଯାଉଥିବା ବସ୍ତୁକୁ ଏହା ନିଜ ଭିତରକୁ ଟାଣିନିଏ।

ମାଧ୍ୟାକର୍ଷଣ ବଳ କ'ଣ ଦେଖିବା। ଉପରକୁ ଟେକାଟିଏ ଫିଙ୍ଗିଲେ ଏହା ଟିକିଏ ଉପରକୁ ଯାଇ ପୁଣି ତଳେ ପଡ଼ିଯାଏ। ଟେକାକୁ ଆଉ ଟିକିଏ ଅଧିକ ଜୋର୍‌ରେ ଫିଙ୍ଗିଲେ, ଏହା ଆଉ ଟିକିଏ ଉପରକୁ ଯିବ, କିନ୍ତୁ ଶେଷରେ ଏହା ତଳକୁ ଖସିପଡ଼ିବ। ଏହା କାହିଁକି ତଳକୁ ପଡ଼େ ? ଏହାର କାରଣ ହେଉଛି ପୃଥିବୀର ମାଧ୍ୟାକର୍ଷଣ ବଳ। ଏହା ଯୋଗୁ ଫଳଟିଏ ପାଚିଲେ ଗଛରୁ ତଳେ ପଡ଼ିଥାଏ। ପ୍ରକୃତରେ ଇଂଲଣ୍ଡର ବୈଜ୍ଞାନିକ ଆଇଜାକ ନିଉଟନ୍ ଗୋଟିଏ ସେଓ ଗଛ ମୂଳରେ ବସିଥିବାବେଳେ ସେଓଟିଏ ତାଙ୍କ ମୁଣ୍ଡ ଉପରେ ପଡ଼ିଲା। ସେ ଏହାକୁ ବିଶ୍ଳେଷଣ କରି ମାଧ୍ୟାକର୍ଷଣ ବଳକୁ ଆବିଷ୍କାର କରିଥିଲେ।


ଯାହାର ଓଜନ ବେଶି, ତାହାର ମାଧ୍ୟାକର୍ଷଣ ବଳ ଅଧିକ। ଚନ୍ଦ୍ରର ଓଜନ ପୃଥିବୀ ଓଜନର ପ୍ରାୟ ଛଅ ଭାଗରୁ ଏକ ଭାଗ। ଏଣୁ ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ମଧ୍ୟ ପୃଥିବୀର ମାଧ୍ୟାକର୍ଷଣ ବଳର ପ୍ରାୟ ଛଅ ଭାଗରୁ ଏକଭାଗ। କୃଷ୍ଣଗର୍ତ୍ତର ଓଜନ ଅତି ବେଶି ହୋଇଥିବାରୁ ଏହାର ମାଧ୍ୟାକର୍ଷଣ ବଳ ହେଉଛି ଅସୀମ। ଏଣୁ ଏହା ଦେହରୁ କୌଣସି ବସ୍ତୁ ବାହାରିପାରେ ନାହିଁ। ଏପରିକି ଆଲୋକ ମଧ୍ୟ ଏଥିରୁ ବାହାରିପାରେ ନାହିଁ।

ନକ୍ଷତ୍ରଗୁଡ଼ିକ ଉଦ୍‌ଜାନକୁ ହିଲିୟମରେ ପରିଣତ କରି ନିଜର ଶକ୍ତି ପାଇଥାଆନ୍ତି। ମାତ୍ର ବହୁଦିନ ପରେ ଉଦ୍‌ଜାନ ଶେଷ ହୋଇଗଲେ ନକ୍ଷତ୍ରଟି ସଙ୍କୁଚିତ ହୋଇଯାଏ। ଏହିପରି ଗୋଟିଏ ଅତି ବଡ଼ ନକ୍ଷତ୍ରର ଉଦ୍‌ଜାନ ସରିଗଲେ ଏହା ଅତି ମାତ୍ରାରେ ସଙ୍କୁଚିତ ହୋଇ କୃଷ୍ଣଗର୍ତ୍ତରେ ପରିଣତ ହୋଇଥାଏ।

କୃଷ୍ଣଗର୍ତ୍ତ ବିଷୟରେ ବୈଜ୍ଞାନିକମାନେ ବିଶେଷ ଭାବେ ଜାଣିପାରି ନାହାନ୍ତି। ଏଣୁ ଏହା ରହସ୍ୟମୟ ହୋଇ ରହିଛି।

ମୋ: ୯୪୩୮୬୯୩୭୨୪





ଖ୍ରୀଷ୍ଟଯୁଗ ପ୍ରାରମ୍ଭର ୧୦ ବର୍ଷ ମଧ୍ୟରେ ଏଭଳି ଅନେକ ତାରକା ସମାବେଶ ଘଟିଥିବାର ଜ୍ୟୋତିର୍ବିଜ୍ଞାନୀମାନେ ସ୍ୱୀକାର କରନ୍ତି। ବିଶେଷକରି, ଖ୍ରୀଷ୍ଟପୂର୍ବ ୬ରେ ତିନୋଟି ଉଜ୍ଜ୍ୱଳ ଗ୍ରହ ଯଥା ମଙ୍ଗଳ, ବୃହସ୍ପତି ଓ ଶନିଙ୍କ ଆକାଶରେ ଏଭଳି ବିଚିତ୍ର ସମାବେଶ ଘଟି ଏକ ଦର୍ଶନୀୟ ତ୍ରିଭୁଜ ସୃଷ୍ଟି ହୋଇଥିଲା।

# ରହସ୍ୟମୟ ଖ୍ରୀଷ୍ଟମାସ୍ ତାରକା

ନିକୁଞ୍ଜ ବିହାରୀ ସାହୁ

ବାଇବେଲର ବର୍ଣ୍ଣନା ଅନୁଯାୟୀ ଯିଶୁଙ୍କ ଜନ୍ମ ସମୟରେ ଆକାଶରେ ଏକ ଅଦ୍ଭୁତ ତାରକା ଦୃଶ୍ୟ ହୋଇଥିଲା। ଏହି ତାରାକୁ ଲକ୍ଷ୍ୟ କରି ତିନି ଜଣ ବିଜ୍ଞବ୍ୟକ୍ତି (ମାଗି) ଯିଶୁଙ୍କ ସନ୍ଧାନ ନିମନ୍ତେ ସମ୍ଭବତଃ ବାବିଲୋନିଆ କିମ୍ବା ପର୍ସିଆଠାରୁ ଯାତ୍ରାରମ୍ଭ କରିଥିଲେ। ସେମାନେ ଏହି ତାରକା ଦ୍ୱାରା ପଥପ୍ରଦର୍ଶିତ ହୋଇ ପଶ୍ଚିମ ଦିଗକୁ ଯାତ୍ରା କରିଥିଲେ ଏବଂ ଶେଷରେ ବେଥଲେହେମଠାରେ ପହଞ୍ଚି ଶିଶୁ ଯିଶୁଙ୍କୁ ଦର୍ଶନ ପୂର୍ବକ ସାଙ୍ଗରେ ଆଣିଥିବା ଉପହାର ପ୍ରଦାନ କରିଥିଲେ। ତେବେ ଏହି ବହୁଚର୍ଚ୍ଚିତ ତାରକାର ଇତିବୃତ୍ତ ଏବେ ସୁଦ୍ଧା ରହସ୍ୟାବୃତ୍ତ ଏବଂ ଏହାର ପ୍ରକୃତ ପରିଚୟ ସମ୍ପର୍କରେ ଅନେକ ମତପାର୍ଥକ୍ୟ ରହି ଆସିଛି। ଏହି ରହସ୍ୟମୟ ତାରକାକୁ ସାଧାରଣତଃ 'ଖ୍ରୀଷ୍ଟମାସ ତାରକା' କିମ୍ବା 'ବେଥଲେହେମ ତାରକା' ବୋଲି କୁହାଯାଏ।

ବୈଜ୍ଞାନିକମାନଙ୍କ ମତରେ, ଏହା ହୁଏତ ଏକ ଶକ୍ତିଶାଳୀ ତାରକା ବିସ୍ଫୋରଣ (ନୋଭା କିମ୍ବା ସୁପରନୋଭା) ଉଲକାବର୍ଷା କିମ୍ବା ଧୂମକେତୁ ହୋଇପାରେ। ତେବେ ଏ କ୍ଷେତ୍ରରେ ଏକ ଅସୁବିଧା ହେଉଛି, ଯିଶୁଙ୍କ ଜନ୍ମର ପ୍ରକୃତ ସମୟକାଳ ନିରୂପଣ। ଏ ନେଇ ଅନେକ ମତପାର୍ଥକ୍ୟ ରହିଥିଲେ ସୁଦ୍ଧା ଯିଶୁଙ୍କ ଜନ୍ମ ଖ୍ରୀଷ୍ଟପୂର୍ବ ୬ରୁ ଖ୍ରୀଷ୍ଟପୂର୍ବ ୪ ମଧ୍ୟରେ ଘଟିଥିବା ଅଧିକାଂଶ ଐତିହାସିକଙ୍କ ମତ। ଚାଇନାର ଐତିହାସିକମାନେ ଖ୍ରୀଷ୍ଟପୂର୍ବ ୫ରେ ଆକାଶରେ ଏକ ତାରକା ବିସ୍ଫୋରଣ ଦେଖିଥିବାର ବର୍ଣ୍ଣନା କରିଛନ୍ତି। ତେବେ ଏହାକୁ ବହୁଚର୍ଚ୍ଚିତ ଖ୍ରୀଷ୍ଟମାସ ତାରକା ରୂପେ ଧରିନେବା କେତେଦୂର ଯୁକ୍ତିଯୁକ୍ତ ତାହା କହିବା କଷ୍ଟକର। ବୈଜ୍ଞାନିକମାନେ ଖ୍ରୀଷ୍ଟମାସ ତାରକାର ରହସ୍ୟ ଉନ୍ମୋଚନ କରିବା ପାଇଁ ସାଧାରଣତଃ ଦୁଇଟି ତତ୍ତ୍ୱ ଉପସ୍ଥାପନା କରିଥା'ନ୍ତି।

## ଆକାଶୀୟ ସମାବେଶ

ପ୍ରଥମ ମତବାଦ ଅନୁଯାୟୀ, ତିନି ଜଣ ବିଜ୍ଞ ବ୍ୟକ୍ତି ଦେଖିଥିବା ତାରକାଟି ସମ୍ଭବତଃ ଆକାଶରେ କେତେକ ଉଜ୍ଜ୍ୱଳ ତାରାଗ୍ରହଙ୍କ ଏକତ୍ର ସମାବେଶ ଥିଲା। ଖ୍ରୀଷ୍ଟଯୁଗ ପ୍ରାରମ୍ଭର ୧୦ ବର୍ଷ ମଧ୍ୟରେ ଏଭଳି ଅନେକ ତାରକା ସମାବେଶ ଘଟିଥିବାର ଜ୍ୟୋତିର୍ବିଜ୍ଞାନୀମାନେ ସ୍ୱୀକାର କରନ୍ତି। ବିଶେଷକରି, ଖ୍ରୀଷ୍ଟପୂର୍ବ ୬ରେ ତିନୋଟି ଉଜ୍ଜ୍ୱଳ ଗ୍ରହ ଯଥା ମଙ୍ଗଳ, ବୃହସ୍ପତି ଓ ଶନିଙ୍କ ଆକାଶରେ ଏଭଳି ବିଚିତ୍ର ସମାବେଶ ଘଟି ଏକ ଦର୍ଶନୀୟ ତ୍ରିଭୁଜ ସୃଷ୍ଟି ହୋଇଥିଲା। ତା'ପୂର୍ବରୁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୭ରେ ବୃହସ୍ପତି ଓ ଶନି ପରସ୍ପରର ନିକଟବର୍ତ୍ତୀ ହୋଇ ଆଠ ମାସ କାଳ ମାତ୍ର ୩ ଡିଗ୍ରୀ କୌଣୀୟ ଦୂରତା ମଧ୍ୟରେ ଅବସ୍ଥାନ କରିଥିଲେ ଏବଂ ସେହି ସମୟ ମଧ୍ୟରେ ସେମାନେ ତିନି ଥର ମାତ୍ର ୧ ଡିଗ୍ରୀ ଦୂରତା ମଧ୍ୟରେ ରହି ପରସ୍ପରକୁ ଅତିକ୍ରମ କରିଥିଲେ। ଏହାର କିଛି ବର୍ଷ ପରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୨ ଜୁନ୍ ୧୭ ତାରିଖ ମଧ୍ୟରେ ଆକାଶରେ କିଛି ଗ୍ରହଙ୍କ ଏକ ଅଭୂତପୂର୍ବ ସମାବେଶ ଦେଖିବାକୁ ମିଳିଥିଲା। ଆକାଶର ଦୁଇଟି ଉଜ୍ଜ୍ୱଳ ଗ୍ରହ ଯଥା ଶୁକ୍ର ଓ ବୃହସ୍ପତି ଅତି ପାଖକୁ ଲାଗିଆସି ପରସ୍ପର ସହ ପ୍ରାୟତଃ ମିଶିଯାଇ ଗୋଟିଏ ଅଦ୍ୱିତୀୟ ଉଲକାପିଣ୍ଡର ଦୃଶ୍ୟ ସୃଷ୍ଟି କରିଥିଲେ। ଏହା ଯେ ସେତେବେଳେ ରାତ୍ରି ଆକାଶରେ ଏକ ଅତି ବିରଳ ଓ ବିଚିତ୍ର ଦୃଶ୍ୟ ସୃଷ୍ଟି କରିଥିବ ଏଥିରେ ସନ୍ଦେହ ନାହିଁ। ସୁତରାଂ ଜ୍ୟୋତିର୍ବିଜ୍ଞାନର ଦଷ୍ଟିକୋଣରୁ ଏହି ଅଦ୍ଭୁତ ତାରକା ସମାବେଶକୁ ଖ୍ରୀଷ୍ଟମାସ ତାରକା ବୋଲି ଧରିନେବା ସବୁଠୁ ସମୀଚୀନ ମନେହୁଏ। ମାତ୍ର ଯିଶୁ ଯେ ଠିକ୍ ଏହି ଦିନ ଜନ୍ମ ହୋଇଥିଲେ ସେ ସମ୍ପର୍କରେ କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ।

ଫ୍ରେଡେରିକ ଲାର୍ସନ ନାମକ ଜଣେ ଆମେରିକୀୟ ଆଇନଜୀବୀ ଏହି ତାରକାକୁ ଅନୁଧ୍ୟାନ କରି ଏହାର ୯ଟି ପ୍ରମୁଖ ବୈଶିଷ୍ଟ୍ୟ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ପ୍ରଥମତଃ, ଏହା ମନୁଷ୍ୟ ଜନ୍ମର ସୂଚନା କରୁଥିଲା ; ଦ୍ୱିତୀୟତଃ, ଏହା ରାଜତ୍ୱର ପ୍ରତୀକ ଥିଲା ; ତୃତୀୟତଃ ଏହା ଇହୁଦୀ ସମ୍ପ୍ରଦାୟ ସହିତ ସଂପୃକ୍ତ ଥିଲା ; ଚତୁର୍ଥରେ, ଏହା ପୂର୍ବଦିଗରେ ଦୃଶ୍ୟ ହୋଇଥିଲା ; ପଞ୍ଚମରେ, ରାଜା ହିରୋଦ ଏ ସମ୍ପର୍କରେ ଅବଗତ ନ ଥିଲେ ; ଷଷ୍ଠରେ, ଏହା ଠିକ୍ ସମୟରେ ଦୃଶ୍ୟ ହୋଇଥିଲା ; ସପ୍ତମରେ, ଏହା କିଛି ସମୟ ଧରି ଆକାଶରେ ଦୃଶ୍ୟ ହୋଇଥିଲା ; ଅଷ୍ଟମରେ, ବିଜ୍ଞବ୍ୟକ୍ତିମାନେ ଜେରୁଜଲମରୁ ବେଥଲେହେମକୁ ଯାତ୍ରାକଲା ସମୟରେ ଏହି ତାରା ସର୍ବଦା ସେମାନଙ୍କ ସମ୍ମୁଖରେ ରହିଥିଲା ଏବଂ ନବମରେ, ବିଜ୍ଞବ୍ୟକ୍ତିମାନେ ବେଥଲେହେମରେ ପହଞ୍ଚିଲା ବେଳକୁ ଏହି ତାରା ଅଦୃଶ୍ୟ ହୋଇ ଯାଇଥିଲା। ଲାର୍ସନ ଏକ ସଫ୍ଟୱେର ବ୍ୟବହାର କରି ଖ୍ରୀଷ୍ଟପୂର୍ବ ୩ରୁ ୨ ମଧ୍ୟରେ ଘଟିଥିବା ଉପରୋକ୍ତ ଆକାଶୀୟ ଘଟଣା ଏହି ରହସ୍ୟମୟ ତାରକା ସମ୍ପର୍କରେ ବର୍ଣ୍ଣିତ ୯ଟି ବୈଶିଷ୍ଟ୍ୟ ସହିତ ପ୍ରାୟତଃ ମେଳ ଖାଇଯାଉଥିବା ସିଦ୍ଧାନ୍ତରେ ଉପନୀତ ହୋଇଥିଲେ।

## ତାରକା ପଂକ୍ତି

ନିକଟରେ ଚିକାଗୋସ୍ଥିତ ଏଡଲାର୍ ପ୍ଲାନେଟାରିୟମର 'ଜ୍ୟୋତିର୍ବିଜ୍ଞାନ ଇତିହାସ' ବିଭାଗର ନିର୍ଦ୍ଦେଶକ ମର୍ଭିନ୍ ବୋଲ୍ଟ ଏକ ନୂତନ ମତବାଦ ଉପସ୍ଥାପନ କରିଛନ୍ତି। ତାଙ୍କ ମତରେ, ଏହି ଘଟଣାକୁ କେବଳ ଜ୍ୟୋତିର୍ବିଜ୍ଞାନ ସ୍ତରରେ ସୀମିତ ନ ରଖି ସେ କାଳର ଧାର୍ମିକ ଓ ସାଂସ୍କୃତିକ ଭାବନାକୁ ମଧ୍ୟ ବିଚାରକୁ ନେବାପାଇଁ ପଡିବ। ତାଙ୍କ ମତବାଦ ଅନୁଯାୟୀ, ସେ କାଳର ଜ୍ୟୋତିର୍ବିଜ୍ଞାନୀ ଓ ଜ୍ୟୋତିଷର ଧର୍ମବିଶ୍ୱାସକୁ ଗଭୀର ଭାବେ ପ୍ରଭାବିତ କରୁଥିବା କିଛି ମହାକାଶୀୟ ବସ୍ତୁ ଯଥା ଚନ୍ଦ୍ର, ବୃହସ୍ପତି ଓ କେତେକ ତାରକା ଏକାଠି ଅବସ୍ଥାନ କରି ଆକାଶରେ ଏକ ବିରଳ ତାରକା ପଂକ୍ତି ସୃଷ୍ଟି କରିଥିଲେ। ଏହି ଦୃଶ୍ୟକ୍ରମ ଖ୍ରୀଷ୍ଟପୂର୍ବ ୬ରେ ବୃହସ୍ପତି ଗ୍ରହ ମେଷ ରାଶିରେ ପ୍ରବେଶ କରିବା ସହିତ ଆରମ୍ଭ ହୋଇଥିଲା। ପରବର୍ତ୍ତୀ କେଇ ମାସ ମଧ୍ୟରେ ବୃହସ୍ପତି ଗ୍ରହ ଚନ୍ଦ୍ରର ନିକଟବର୍ତ୍ତୀ ହୋଇ ଶନି ଗ୍ରହ ସହିତ ପ୍ରାୟ ମିଶି ଯାଇଥିଲା। ମେଷ ରାଶିକୁ ସାଧାରଣତଃ ଇହୁଦୀମାନଙ୍କର ସଙ୍କେତ ଧରା ଯାଉଥିଲାବେଳେ ଉପରୋକ୍ତ ପଂକ୍ତି ମଧ୍ୟରେ ବୃହସ୍ପତିର ଚଳନକୁ ପାରମ୍ପରିକ ବିଶ୍ୱାସ ଅନୁସାରେ ରାଜ୍ୟାଭିଷେକ ସହିତ ତୁଳନା କରାଯାଏ।





ତେବେ ଖ୍ରୀଷ୍ଟମାସ ତାରକାର ଇତିବୃତ୍ତ ଏବେ ସୁଦ୍ଧା ରହସ୍ୟାବୃତ୍ତ ଏବଂ ଯିଶୁଙ୍କ ଜନ୍ମର ଠିକ୍ କାଳ ନିରୂପଣ ହୋଇ ପାରିଲେ ଯାଇ ଏହି ରହସ୍ୟର ପର୍ଦ୍ଦାଫାସ ହୋଇପାରିବ ବୋଲି ବିଶ୍ୱାସ କରାଯାଏ।

–ଏଜୁକେଶନ୍ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୦୧୮୭୦୮୮୫୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ୟଙ୍ଗ୍ ଡ୍ରମର୍ ଦେବଗ୍

ପିଲାମାନେ ପରେଡ୍‌ବେଳେ ଡ୍ରମ୍‌ର ତାଳରେ କଦମତାଲ୍ କରିବାକୁ ବଢିଆ ଲାଗେ। ତୁମମାନଙ୍କ ଭିତରୁ କାହାକୁ ବି ଡ୍ରମ୍ ବଜାଇବା ବଜାଇବାକୁ ଭଲ ଲାଗୁଥିବ। ତେବେ ଜାଣି ଆଶ୍ଚର୍ଯ୍ୟ ହେବ ଲକ୍ଷ୍ନୋର ଦେବଗ୍ ଦୀକ୍ଷିତ୍ , ୩ମିନିଟ୍‌ରେ ୫୫୦୦ରୁ ଅଧିକ ଥର ଡ୍ରମ୍ ବଜାଇ ଗିନିଜ୍ ରେକର୍ଡ କରିଛନ୍ତି। ତେବେ ବହୁ ପ୍ରତିଭାର ଅଧିକାରୀ ଦେବଗ୍ ୧୭ଟି ଜାତୀୟ ରେକର୍ଡ, ୮ଟି ବିଶ୍ୱ ରେକର୍ଡ ଏବଂ ଏବେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଲଣ୍ଡନର ୱାର୍ଲ୍ଡ ରେକର୍ଡ ୟୁନିଭରସିଟିରୁ ଗ୍ରାଣ୍ଡ ମାଷ୍ଟର୍ ଉପାଧି ମଧ୍ୟ ପାଇଛନ୍ତି। ଦେବଗ୍ କୁହନ୍ତି, ଯେତେବେଳେ ମୋତେ ୨ବର୍ଷ ହୋଇଥିଲା ବାପା ଡ୍ରମ୍‌ର ଏକ ସେଟ୍ ଗିଫ୍ଟ ଦେଇଥିଲେ। ସେତେବେଳେ ମୁଁ ଡ୍ରମ୍ ବଜାଇବା ବିଷୟରେ କିଛି ବି ଜାଣ ନଥିଲି। କିନ୍ତୁ ଡ୍ରମ୍ ଷ୍ଟିକ୍ ଧରି ବଜାଇବା ଆରମ୍ଭ କରିଥିଲି। ପାଠପଢା ଏବଂ ଅନ୍ୟ କରିକୁଲାର ଆକ୍ଟିଭିଟିଜ୍ କ୍ଲାସ୍ ସହ ସମୟ ବାହାର କରି ଡ୍ରମ୍ ବଜାଇବା କଷ୍ଟକର ହୋଇପଡେ। ଏଥିପାଇଁ ମୋ ମାଆ ମୋତେ ବହୁତ ସାହାଯ୍ୟ କରିଛନ୍ତି। ଅପରାହ୍ଣରେ ସ୍କୁଲ୍‌ରୁ ଫେରିବା ପରେ ମୁଁ ଫ୍ରେଞ୍ଚ କ୍ଲାସ୍, ଟାଏକୋଣ୍ଡୋ, ବ୍ୟାଡମିଣ୍ଟନ୍ ଏବଂ ଗୀତ କ୍ଲାସ୍ ଯାଏ। ସେ ସବୁ କ୍ଲାସ୍‌ରୁ ଫେରିବା ପରେ ସମୟ ବାହାର କରି ମୁଁ ଡ୍ରମ୍ ବଜାଇଥାଏ। ଭବିଷ୍ୟତରେ ମୁଁ ଯୁଦ୍ଧ ବିମାନରେ ପାଇଲଟ୍ ହୋଇ ଦେଶସେବା କରିବାକୁ ଲକ୍ଷ୍ୟ ରଖିଛି।



# ଏଥରର ?

- ଖ୍ରୀଷ୍ଟଧର୍ମର ପବିତ୍ର ଗ୍ରନ୍ଥର ନାମ ?
- କେଉଁ ତାରିଖରେ ବଡ଼ଦିନ ପାଳନ କରାଯାଏ ?
- ଯିଶୁଖ୍ରୀଷ୍ଟ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
- ଯିଶୁଖ୍ରୀଷ୍ଟଙ୍କ ମାଆଙ୍କ ନାମ ?
- ଖ୍ରୀଷ୍ଟମାସରେ ଛୋଟପିଲାଙ୍କୁ କିଏ ଉପହାର ଦିଏ ବୋଲି ବିଶ୍ୱାସ କରାଯାଏ ?

ଉ ତ ର

## ଗତଥରର

- ଭାଟିକାନ୍ ସିଟି
- ଫିମୁର
- ଟଙ୍ଗଷ୍ଟେନ୍
- ୪୪ଟି
- ମୋନାକୋ





## ବଡ଼ ଦିନ

ଡିସେମ୍ବର ମାସ ତାରିଖ ପଚିଶ
ଯିଶୁଖ୍ରୀଷ୍ଟ ଜନ୍ମଦିନ,
ବଡ଼ ଦିନ ପରା ପାଳନ କରିବା
ଆନନ୍ଦ ଉଲ୍ଲାସ ମନ।
ପ୍ରେମର ବାରତା ଦେଉଥିଲେ ସିଏ
ପ୍ରଭୁ ଯିଶୁ ଭଗବାନ,
ନୂତନ ଆଲୋକ ଆଲୋକିତ କଲା
ଡରୁଥିଲା ସଇତାନ।
ବଡ଼ ଦିନ ଖୁସି ଚର୍ଚ୍ଚରେ ଏକାଠି
ଭକତି ଭାବରେ ମନ,
ଯିଶୁ ଦେବଦୂତ ଶାନ୍ତିର ପ୍ରତୀକ
କରିବା ତାହାଙ୍କୁ ଧ୍ୟାନ।
ଜନମ ତାଙ୍କର ସାରା ଜଗତରେ
ଆଣିଲା ଶୁଭ ସୂଚନା,
ପାପୀ ଅତ୍ୟାଚାରୀ ଜୀବନ ବିକଳେ
ତ୍ରାହି ତ୍ରାହି କଲେ ପ୍ରାର୍ଥନା।
ମରିବା ସମୟେ ଈଶ୍ୱର ନିକଟେ
କରିଲେ ଯିଶୁ ଗୁହାରି,
ଅଜ୍ଞାନ ମଣିଷ ଜାଣିପାରୁ ନାହିଁ
କ୍ଷମା ଦେବ ବିଶ୍ୱବିହାରୀ।
କରିଥିଲେ ସିଏ ନୂତନ ଧରମ
ନାମ ଖ୍ରୀଷ୍ଟିଆନ ଯାର,
ପରମ ପିତା ପରମେଶ୍ୱର ପରା
ସାରା ଜଗତର ସାର।

**– କେଦାରନାଥ ସାହୁ**
ବେହେରାପାଲି, ସୋହେଲା, ବରଗଡ଼
ମୋ: ୯୭୭୮୮୮୯୯୧୧

କ ବି ତା



## ପ୍ରଭାତ

ଅନ୍ଧାର ଯାଉଛି ଦେଖ ଧୀରେ ଅପସରି
ଏଥୁଅନ୍ତେ ଜାଣ ସର୍ବେ ରାତି ଗଲା ସରି।
କାକ କୁକ୍କୁଟ ଦେଲେଣି ସୂଚନା ଏହାର
ଶେଯରୁ ଉଠିଲେ ଦେଖ କେତେ ନାରୀନର।
ସୁନାଖରା ବିଞ୍ଚିଦେଲେ ନବୀନ ଅରୁଣ
ସଭିଙ୍କର ମନେ ଭରି ଆଶାର କିରଣ।
ନଈ ନାଳ ଗିରିବନ କି ସୁନ୍ଦର ଦିଶେ
ମନରସେ ସଦ୍ୟଜାତ କୁସୁମ ସୁବାସେ।
ଧୀରେ ଲାଗିଯାଏ ଦେଖ ଗହଳ ଚହଳ
ଅମୂଲ୍ୟ ପୁଲକେ ମୁଗ୍ଧ ହୁଏ ଭୂ-ମଣ୍ଡଳ।

**– ରାଜେଶ ପୂଜାରୀ**
କୁଶମେଲ, ଝାରସୁଗୁଡ଼ା
ମୋ: ୮୧୪୪୭୭୯୦୬୧

## ବଡଦିନ ଛୁଟି

ଡିସେମ୍ବର ପଚିଶି ତାରିଖ
ବଡଦିନ ନାମେ ଖ୍ୟାତ
ପ୍ରଭୁ ଯିଶୁଙ୍କର ଜନ୍ମ ଦିବସକୁ
ପାଳନ୍ତି ଜନେ ଏକତ୍ର।
ଇସାଇ ଧର୍ମର ଏ ମହାନ ପର୍ବ
ଆସିଥାଏ ବର୍ଷ ଶେଷେ
ଭେଦଭାବ ଭୁଲି ଏ ପର୍ବ ପାଳନ୍ତି
ସଭିଏଁ ମନ ହରଷେ।
ଡିସେମ୍ବର ଶେଷ ସପ୍ତାହରୁ ଦିନ
ଧୀରେ ଧୀରେ ବଢିଥାଏ
ସେଥିଲାଗି ଆସେ ବଡଦିନ ଛୁଟି
ସଭିଙ୍କ ମନକୁ ଛୁଏଁ।
ଖ୍ରୀଷ୍ଟମାସ ଗଛ ଆଲୋକ ସଜାରେ
ଘର ଦିଶେ ଶୋଭାବନ
ସାନ୍ତା ଆଣି ବାଣ୍ଟେ ଉପହାର ଗୁଚ୍ଛ
ପିଲା ହୁଅନ୍ତି ପ୍ରସନ୍ନ।
ରାଗ ରୋଷ ମନୁ ଦୂରେଇ ସଭିଏଁ
ପାଳନ୍ତି ଏହି ପରବ
ସ୍ନେହ ଶ୍ରଦ୍ଧା ବାଣ୍ଟି ସୁଖ ମନାସନ୍ତି
ହୃଦେ ରଖି ଭାତୃଭାବ।
ଆସ ଭାଇମାନେ ଏଇ ଛୁଟିଦିନେ
ଆମେ ଏ ଶପଥ ନେବା
ପରିବେଶ ଆମ ନିରିମଳ ରଖି
ଦେଶ ମାନ ବଢାଇବା।

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

## କହିଲ ଦେଖି



ପିତା ମାତା ତାଙ୍କ
ଯୋଶେଫ୍ ମେରୀ
ଜନ୍ମି ତାଙ୍କ କୋଳ ମଣ୍ଡନ କରି
ଏକ ମୁଖ୍ୟ ଧର୍ମ କଲେ ପ୍ରଚାର,
ବଡ଼ ଦିନ ତାଙ୍କ ଜନମ ଦିବସ
କିଏ ଇଏ ପ୍ରଭୁ ବିଚାର ?

**ଉ- ଯିଶୁଖ୍ରୀଷ୍ଟ**



ଦେହେ ସୁଇଟର ମୁଣ୍ଡରେ ଟୋପି
ବେଶ ଭୂଷା ଖ୍ୟାତ ଜଗତ ବ୍ୟାପୀ
ପିଲାଙ୍କର ଅତି ପ୍ରିୟ,
ଉପହାର କେତେ ପିଲାଙ୍କୁ ଦିଅନ୍ତି
ଶିଶୁ ଖୁସି ତାଙ୍କ ଲୟ
କିଏ ଏ ମହାତ୍ମା କୁହ ?

**ଉ- ସାନ୍ତାକ୍ଲଜ୍**

ରଙ୍ଗରଙ୍ଗିଆ ଢଙ୍ଗଢଙ୍ଗିଆ
ସୁନ୍ଦର ଗଛଟେ ଇଏ,
ବଡ଼ ଦିନେ ଏହାର ଆଦର ବଢ଼ଇ
ନ ଚିହ୍ନିଛ ଅବା କିଏ !
ଆଲୋକ ମାଳାରେ ସଜ୍ଜା
କହିଲେ ହୋଇବ ସୁନାପିଲାଟିଏ
ଖୁସିରେ ମାରିବ ମଜା।

**ଉ- ଖ୍ରୀଷ୍ଟମାସ ଟ୍ରି**



ଦିନ ବଡ଼ ହୁଏ ରାତିଟି ସାନ
ପାଳିଥାନ୍ତି ଖ୍ରୀଷ୍ଟ ଧରମ ଜନ
ଖାଇଥାନ୍ତି ଭୋଜିଭାତ ମିଷ୍ଟାନ୍ନ,
ଧର୍ମ ଗ୍ରନ୍ଥ ବାଇବେଲ୍ ପାଠ ହୁଏ
କୁହ ଇଏ କେଉଁ ଦିନ ?

**ଉ- ବଡ଼ ଦିନ**



**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ, ମୋ: ୯୯୩୮୧୩୩୫୫୯





*ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନକୁ ବଡ଼ଦିନ ବା ଖ୍ରୀଷ୍ଟମାସ୍ ଡେ' ଭାବେ ପାଳନ କରାଯାଉଛି। ଏହିଦିନ ସାନ୍ତାକ୍ଲଜ୍ ପିଲାମାନଙ୍କୁ ନାନା ପ୍ରକାର ସରପ୍ରାଇଜ୍ ଗିଫ୍ଟ ଦେଇଥାନ୍ତି। ତେବେ ସାନ୍ତାଙ୍କ ପୋଷାକର ରଙ୍ଗ ପୂର୍ବରୁ ନୀଳ ଥିଲା। ହେଲେ କେବେଠାରୁ ଓ କାହିଁକି ଏହା ନୀଳରୁ ଲାଲ୍‌କୁ ପରିବର୍ତ୍ତନ ହେଲା ଜାଣନ୍ତୁ ସେ ସମ୍ପର୍କରେ..*

# ସାନ୍ତାଙ୍କ ଲାଲ୍ ପୋଷାକ...

ଚତୁର୍ଥ ଶତାବ୍ଦୀରେ ତୁର୍କୀର ମାୟରା ଗାଁରେ ନିକୋଲାସ ନାମକ ଜଣେ ସନ୍ଥ ରହୁଥିଲେ। ସେ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ। ସେ ଗରିବ ଲୋକ ଓ ଖାସ୍ କରି ଛୋଟ ପିଲାଙ୍କୁ ଉପହାର ବାଣ୍ଟୁଥିଲେ। ନିକୋଲାସ ସବୁବେଳେ ଲାଲ୍ ପୋଷାକ ପରିଧାନ କରୁଥିଲେ। ସେ ୟୁରୋପର ସବୁଠାରୁ ଲୋକପ୍ରିୟ ସନ୍ଥ ଥିଲେ। ତେବେ ୨୦୦ ବର୍ଷ ପରେ ଡଚ୍‌ର କେତେଜଣ ବୁଦ୍ଧିଜୀବୀ ବ୍ରିଟିଶ ଶାସନରେ ନିଜ ପରମ୍ପରାକୁ ବଜାୟ ରଖିବା ପାଇଁ ସେମାନଙ୍କ ଗ୍ରୁପ୍‌କୁ ନିକରବୋକର୍ସ୍ ଭାବେ ପରିଚିତ କରାଇଥିଲେ। ପରେ ଏହା ନେଦରଲାଣ୍ଡରେ ଡଚ୍ ପର୍ବ ସିଣ୍ଟରକ୍ଲାସ୍ ଭାବେ ପାଳନ କରାଗଲା। ଏହି ପର୍ବରେ ପରିବାରର ପ୍ରତ୍ୟେକ ସଦସ୍ୟ ପରସ୍ପରକୁ ଉପହାର ଦେଉଥିଲେ। ଉପହାର ଦେବା ସହ ତାଙ୍କ ବିଷୟରେ ମଧ୍ୟ ଲେଖୁଥିଲେ। ସିଣ୍ଟରକ୍ଲାସ୍ ପର୍ବର ମୁଖ୍ୟ ଆକର୍ଷଣ ସନ୍ଥ ନିକୋଲାସ୍‌ଙ୍କ ପରି ବେଶଭୂଷା ହୋଇଥିବା ଚରିତ୍ର। ସେ ଏକ ଧଳା ଘୋଡ଼ାରେ ବସି ଦେଶର ପ୍ରତି ଘର ଏବଂ ସ୍କୁଲ୍‌କୁ ବୁଲିବାକୁ ଯାଇଥାନ୍ତି। ସେ ଏକ ନାଲି ରଙ୍ଗର ବହି ଧରି ବୁଲିଥାନ୍ତି। ତେବେ ସେଥିରେ ଗତ ବର୍ଷ କେଉଁ ପିଲା ଭଲ କାମ କରିଛି ଓ କିଏ ଦୁଷ୍ଟାମି କରିଛି ସେମାନଙ୍କର ନାମ ଲେଖାଯାଇଥାଏ। ନିକୋଲାସ୍‌ଙ୍କ ବେଶଭୂଷା ହୋଇଥିବା ବ୍ୟକ୍ତି ଏହିଦିନ ଛୋଟପିଲାଙ୍କୁ ଉପହାରରେ ମିଠା ଏବଂ ମନପସନ୍ଦର ଗିଫ୍ଟ ଦେଉଥିଲେ। ତେବେ ଅତୀତରେ ସାନ୍ତାଙ୍କ ବିଷୟରେ ବହୁତଗୁଡ଼ିଏ କବିତା ଓ ଗପ ରଚନା କରାଯାଇଥିଲା। ଯାହାକି ପର ମୁହୂର୍ତ୍ତରେ ଲୋକପ୍ରିୟ ହୋଇ ପାରିଥିଲା। ସାନ୍ତାଙ୍କ ବିଷୟରେ ସବୁଠାରୁ ପ୍ରସିଦ୍ଧ କବିତା ହେଉଛି ଏ ଭିଜିଟ୍ ଫର୍ମ ସେଣ୍ଟ ନିକୋଲାସ। ୧୮୨୨ରେ କ୍ଲେମେଣ୍ଟ କ୍ଲାର୍କ ମୋର୍‌ଙ୍କ ଦ୍ୱାରା ଏହି ଖ୍ରୀଷ୍ଟମାସ କବିତା ରଚନା ହୋଇଥିଲା। ଏହା ପୂର୍ବରୁ ଏକ ଚିତ୍ରରେ ସାନ୍ତାଙ୍କ ବେଶ ପୋଷାକ ଖ୍ରୀଷ୍ଟିଆନ୍ ଚର୍ଚ୍ଚର ମୁଖ୍ୟଙ୍କ ପରି ଦର୍ଶାଯାଇଥିଲା। ୧୮୬୩ ମସିହାରେ ଆମେରିକୀୟ କାର୍ଟୁନିଷ୍ଟ ଥୋମାସ୍ ନାଷ୍ଟ ସାନ୍ତାଙ୍କ ଚିତ୍ର ଆଙ୍କି ଚର୍ଚ୍ଚିତ ହୋଇଥିଲେ। ଏହି କାର୍ଟୁନ୍‌ଟି ହାର୍‌ପର୍ସ ସାପ୍ତାହିକ ମାଗାଜିନ୍‌ରେ ପ୍ରକାଶିତ ହୋଇଥିଲା। ଥୋମାସ୍ ଚିତ୍ରରେ ସାନ୍ତାଙ୍କୁ ଲାଲ ତ କେତେବେଳେ ନୀଳ କିମ୍ବା ଟ୍ୟାନ୍ ରଙ୍ଗର ପୋଷାକ ପିନ୍ଧାଉଥିଲେ। କିନ୍ତୁ ୧୯୩୧ମସିହାରେ କୋକୋ-କୋଲା କୋଲ୍‌ଡ୍ରିଙ୍କ୍ସ କମ୍ପାନୀ ନିଜର ଖ୍ରୀଷ୍ଟମାସ ବିଜ୍ଞାପନ ପାଇଁ ନୂଆ ରୂପରେ ସାନ୍ତାଙ୍କୁ ସଟର୍‌ଡେ' ଇଭିନିଂ ପୋଷ୍ଟ ପତ୍ରିକାରେ ଛାପିଥିଲା। ଏହି ବିଜ୍ଞାପନରେ ସାନ୍ତା ଲାଲ ପୋଷାକ ପିନ୍ଧିଥିବା ବେଳେ ଗୋଲୁମୋଲୁ ଚେହେରା ପ୍ରଦର୍ଶିତ ହୋଇଥିଲା। ଏହି ସାନ୍ତା ବିଜ୍ଞାପନ ଯୋଗୁ କମ୍ପାନୀ ଲୋକଙ୍କ ପାଖରେ ଅଧିକ ପରିଚିତ ହୋଇପାରିଥିଲା। କୁହାଯାଏ କି ସାନ୍ତା କ୍ଷୀର ଓ କୁକିଜ୍ ଖାଇବାକୁ ଭଲ ପାଆନ୍ତି। ତେଣୁ ଖ୍ରୀଷ୍ଟମାସରେ ଯେତେବେଳେ ସାନ୍ତା ଗିଫ୍ଟ ଦେବାକୁ ଆସନ୍ତି ପିଲାମାନେ




ତାଙ୍କ ପାଇଁ କ୍ଷୀର ଓ କୁକିଜ୍ ରଖିଥାନ୍ତି। ସାନ୍ତାକ୍ଲଜ୍ କେବଳ ସାନ୍ତା ନାମରେ ନୁହେଁ ଫାଦର୍ ଖ୍ରୀଷ୍ଟମାସ, କ୍ରିସ୍ କ୍ରିଙ୍ଗେଲ୍, ସିଣ୍ଟରକ୍ଲାସ, ପାପାନୋଏଲ୍ ଇତ୍ୟାଦି ନାମରେ ମଧ୍ୟ ପରିଚିତ। ପିଲାମାନେ ଶୁଣିଥିବ ସାନ୍ତା ସବୁବେଳେ ହୋ ହୋ ହୋଇ ହସିଥାନ୍ତି। ଏହାର ଅର୍ଥ ସେ ନିଜର ଖୁସି ଓ ଆନନ୍ଦକୁ ହୋ ହୋ ହସି ତୁମ ପାଖରେ ବାଣ୍ଟିଥାନ୍ତି।




## ସମୁଦ୍ରର ନୀଳ ଜଳରାଶି

ସମୁଦ୍ରର ନୀଳ ଜଳରାଶି ବେଶ୍ ସୁନ୍ଦର। ଏଥିପାଇଁ ଏହାର ବେଳାଭୂମି ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ହେଲେ ସମୁଦ୍ରର କେତେ ପ୍ରତିଶତ ଜଳରାଶିକୁ ଆମେ ଦେଖିପାରୁ ଜାଣନ୍ତି ? ଏହାର ଶତ ପ୍ରତିଶତ ଜଳରୁ ମାତ୍ର ୨୦ ପ୍ରତିଶତ ଆମର ଦୃଷ୍ଟିଗୋଚର ହୁଏ। ଅବଶିଷ୍ଟ ୮୦ ପ୍ରତିଶତ ଜଳ ଦୃଷ୍ଟି ଆଢୁଆଳରେ ରହିଯାଏ। ସମଗ୍ର ବିଶ୍ୱର ୭୦ ପ୍ରତିଶତ ଜଳଭାଗ କେବଳ ସମୁଦ୍ର ଦ୍ୱାରା ଆଚ୍ଛାଦିତ।

## ବିଶ୍ୱର ସବୁଠାରୁ ବଡ଼ ଓପନ ମାର୍କେଟ୍

ଆମର ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ସାଧାରଣତଃ ମାର୍କେଟରୁ କିଣିଥାଉ। ସହର ହେଉ କି ଗାଁ ନିର୍ଦ୍ଦିଷ୍ଟ ସ୍ଥାନରେ ମାର୍କେଟ ରହିଥାଏ। ହେଲେ ପିଲାଏ, ବିଶ୍ୱର ସବୁଠାରୁ ବଡ଼ ଓପନ ମାର୍କେଟ ବିଷୟରେ ହୁଏତ ଜାଣି ନ ଥିବ। ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍ଗକକ୍‌ଠାରେ ରହିଛି ଚାତୁଚକ୍ ୱିକେଣ୍ଡ ମାର୍କେଟ୍। ଏହି ମାର୍କେଟ୍ ଏତେ ବଡ଼ ଯେ ଗୋଟିଏ ଦିନରେ ମାର୍କେଟ୍‌କୁ ପୂରା ବୁଲିବା ସମ୍ଭବ ନୁହେଁ। ଉକ୍ତ ମାର୍କେଟ୍ ପ୍ରାୟ ୩୫ ଏକର ଜାଗାରେ ସ୍ଥାପନ ହୋଇଛି। ଏଠାରେ ଛୋଟ ବଡ଼ ହୋଇ ପ୍ରାୟ ୧୫ ହଜାର ଦୋକାନ ଅଛି। ଏହି ମାର୍କେଟ୍‌ରେ କପଡ଼ା, ଫର୍ନିଚର, ଘରୋଇ ଉପକରଣ ଓ ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଅଧିକ ମିଳିଥାଏ। ଉକ୍ତ ମାର୍କେଟ୍‌କୁ ୨୭ ସେକ୍‌ଶନରେ ଭାଗ କରାଯାଇଛି। ମାର୍କେଟ୍‌କୁ ଆସୁଥିବା ଗ୍ରାହକଙ୍କ ରିଫ୍ରେଶ୍‌ମେଣ୍ଟ ପାଇଁ ଫୁଡ୍ ଷ୍ଟଲ ଓ ରେଷ୍ଟୁରାଣ୍ଟର ସୁବିଧା ରହିଛି। ଏହି ମାର୍କେଟ୍ ସପ୍ତାହରେ ଦୁଇଦିନ (ଶନିବାର ଓ ରବିବାର) ସକାଳ ୯ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଖୋଲାରୁହେ। ପ୍ରତି ସପ୍ତାହରେ ପ୍ରାୟ ୨ଲକ୍ଷ ଲୋକ ଏହିମାର୍କେଟକୁ ଆସନ୍ତି।



ଆ

ଇ

ନା



ଚାର୍ଲିନ୍ ମହାପାତ୍ର

୩ ବର୍ଷ / ଭୁବନେଶ୍ୱର



ନୀରିକ୍ଷା ରଥ

୫ ବର୍ଷ / ଭୁବନେଶ୍ୱର